# **BSG – Book of James**

# ବିଶ୍ୱାସ ଓ ଜୀବନ (ଯାକୁବ ୧)

## ବିଶ୍ୱାସରେ ବାସ କରିବା ପାଇଁ ଏହା ଆମକୁ ଉତ୍ସାହ ପ୍ରଦାନ କରେ।

### ଦିନ-୧ (ଯାକୁବ ୧:୧-୮) ବିଶ୍ୱାସୀମାନଙ୍କ ନିମନ୍ତେ ପରୀକ୍ଷାସମୂହ।

୧. ଆମେ କାହିଁକି ପରୀକ୍ଷାଗୁଡ଼ିକୁ "ସମ୍ପୂର୍ଣ୍ଣ ଆନନ୍ଦ" ଭାବରେ ଦେଖିଥାଉ ?

୨. ୫-୮ ପଦଗୁଡ଼ିକ ଦେଖନ୍ତୁ। ପରମେଶ୍ୱରଙ୍କଠାରୁ ଜ୍ଞାନ ପାଇବା ନିମେନ୍ତ ଆମ ପାଇଁ କ'ଣ ଆବଶ୍ୟକ ?

### ଦିନ -୨ (ଯାକୁବ ୧:୯-୧୧) ଲୋକମାନଙ୍କର ଏକ ଖ୍ରୀଷ୍ଟିୟ ଦୃଶ୍ୟ।

୩. କେଉଁ "ଉନ୍ନତ ଅବସ୍ଥା" (୯ ପଦ) ହେତୁରୁ ଏକ ଦୁସ୍ଥ ବିଶ୍ୱାସ ଦର୍ପ କରିପାରେ ? (ଗାଲାତୀୟ ୩:୨୬-୨୯, ଏପିସୀୟ ୧:୩-୫)

୪. ୧୦-୧୧ ପଦ ଅନୁଯାୟୀ, ଧନୀ ବିଶ୍ୱାସୀମାନଙ୍କ ପାଇଁ କେଉଁ ବିଷୟ ସତର୍କତା ଓ ଉତ୍ସାହ ପ୍ରଦାନ କରିବ ?

ଦିନ-୩ (ଯାକୁବ ୧:୧୨-୧୮) ପରୀକ୍ଷା, ପ୍ରଲୋଭନ ଏବଂ ଉତ୍ତମତାର ଉତ୍ସ।

୫. ୧୪-୧୫ ପଦ ଅନୁଯାୟୀ, କାମନାର ପରୀକ୍ଷା କିପରି ବୃଦ୍ଧି ପାଏ ? ସେଥିଲାଗି ୧ କରିନ୍ଥୀୟ ୧୦:୧୩ରେ ସମସ୍ତ ବିଶ୍ୱାସୀମାନଙ୍କ ପାଇଁ କେଉଁ ସାହାଯ୍ୟପ୍ରାପ୍ତ ହୁଏ ?

୬. ସେହି ବାକ୍ୟାଂଶଗୁଡ଼ିକୁ ଲେଖନ୍ତୁ ଯାହା ଜଣେ ବିଶ୍ୱାସର ପରୀକ୍ଷା ଓ ପ୍ରଲୋଭନକୁ ପ୍ରତିବାଧା ଦେବା ବିଷୟରେ ବର୍ଣ୍ଣନା କରେ ?

୭. ଫଳାଫଳ କ'ଣ ହୁଏ ?

### ଦିନ -୩ (ଯାକୁବ ୧:୧୯-୨୭) ଧାର୍ମିକତାର ଜୀବନ।

୮. ଆମକୁ ଶୁଣିବାରେ ତତ୍ପର, କହିବାରେ ପୁଣି କ୍ରୋଧ କରିବାରେ ଧୀର ହେବାକୁ କୁହାଯାଇଛି। ଆମେ ଏହା କିପରି କରିବା ?

୯. ୨୫ ପଦ ଅନୁଯାୟୀ, ପରମେଶ୍ୱରଙ୍କ ସେହି ବାକ୍ୟ କିପରି ଅଟେ ଯାହା " ସିଦ୍ଧତାର ବ୍ୟବସ୍ଥା ଅର୍ଥାତ୍ ସ୍ୱାଧୀନତା" ଦିଏ ?

୧୦. ୨୬-୨୭ ପଦ ଅନୁଯାୟୀ, ଅସତ୍ୟ ଏବଂ ସତ୍ୟ ଧର୍ମର ଉଦାହରଣ ଦିଅନ୍ତୁ ?

ଦିନ-୫ମ ଆପଣ ଯାହା ଶିକ୍ଷା କଲେ ତାହା ପ୍ରୟୋଗ କରନ୍ତୁ

୧୧. ଯାକୁବ ୧ ପର୍ବରେ ଥିବା କେଉଁ ଶିକ୍ଷା ଆପଣଙ୍କ ନିମନ୍ତେ ଏକ ସତର୍କବାଣୀ ଅଟେ ?

୧୨. କେଉଁ ଶିକ୍ଷା ଆପଣଙ୍କ ନିମନ୍ତେ ଉତ୍ସାହପୂର୍ଣ୍ଣ ଅଟେ ?

୧୩. ପରମେଶ୍ୱର ଯେଉଁ ଶିକ୍ଷା ଆପଣଙ୍କୁ ଦେଉଛନ୍ତି, ସେଥିପାଇଁ ତାଙ୍କର ଧନ୍ୟବାଦ କରିବା ପାଇଁ ସମୟ ଦିଅନ୍ତୁ।

## <u>ବିଶ୍ୱାସ ଓ ସମାଜ (ଯାକୁବ ୨)</u>

# ଯାକୁବ ବିଶ୍ୱାସ ଉପରେ ଆମକୁ ଆମର କାର୍ଯ୍ୟାବଳୀ ମାଧ୍ୟମରେ ବିଜ୍ଞତାର ପରାମର୍ଶ ଦିଅନ୍ତି ।

**ଦିନ -୧ (ଯାକୁବ ୨ :୧-୭) ପରମେଶ୍ୱର ମୁଖାପେକ୍ଷା କରନ୍ତି ନାହିଁ।**

୧. ଆମେ କାହା ଉପରେ ବିଶ୍ୱାସ ରଖିଅଛୁ ?

୨. ୧ ପଦଟି ଆପଣଙ୍କ ନିମନ୍ତେ କିପରି ଅର୍ଥପୂର୍ଣ୍ଣ ଅଟେ, ତାହା ଶବ୍ଦରେ ଅବା ବାକ୍ୟାଂଶରେ ପ୍ରକାଶ କରନ୍ତୁ।

୩. ଆମକୁ ଯେ ମୁଖାପେକ୍ଷାକୁ ପରିହାର କରିବାକୁ ହେବ, ନିମ୍ନୋକ୍ତ ପ୍ରତ୍ୟେକ ବାକ୍ୟାଂଶ ମଧ୍ୟରେ ଥିବା ଏହାର କେଉଁସବୁ କାରଣ ଅଛି, ତାହା ପ୍ରକାଶ କରନ୍ତୁ ?

କ- ମାଥିଉ ୨୦: ୨୫-୨୮

ଖ-ମାର୍କ ୧୨: ୪୧ -୪୪

ଗ-ଲୁକ ୧୪: ୧୨-୧୪

**ଦିନ -୨ (ଯାକୁବ ୨ : ୨-୪)**

୪. ଏହି ମୁଖାପେକ୍ଷାକୁ ବୁଝିବା ଲାଗି ଯାକୁବ ଆମକୁ କିପରି ସାହାଯ୍ୟ କରନ୍ତି ?

୫. କେଉଁ ପ୍ରକାର ଲୋକମାନଙ୍କୁ ଈଶ୍ୱର ମନୋନୀତ କରିଛନ୍ତି, ଯେଉଁମାନେ ତାଙ୍କର ସ୍ୱତନ୍ତ୍ର ଆଶୀର୍ବାଦର ଉତାରାଧିକାରୀ ହେବେ ?

**ଦିନ -୩ (ଯାକୁବ ୨ :୮-୧୩) ବ୍ୟବସ୍ଥା/ ଆଜ୍ଞା ପାଳନ କରିବା**

୬. ମାନବିକ ସମ୍ପର୍କଗୁଡ଼ିକ ଉପରେ ଥିବା ବ୍ୟବସ୍ଥା ବିଷୟରେ ଗୋଟିଏ ଧାଡ଼ି ଲେଖନ୍ତୁ।

୭. ନିମ୍ନୋକ୍ତ ପଦମାନଙ୍କରୁ କେଉଁ ଅନ୍ୟ ପାପଗୁଡ଼ିକ ଆମକୁ ଦୋଷୀ କରିଥାଏ ?

କ-ଯାତ୍ରାପୁସ୍ତକ ୨୦ : ୧୭

ଖ-ମାଥିଉ ୫ : ୨୧-୨୨

ଗ-ମାଥିଉ ୭ : ୧-୪

**ଦିନ -୪ (ଯାକୁବ ୨ :୧୪-୧୯) ବିଶ୍ୱାସର ପ୍ରମାଣ**

୮. ଆମ୍ଭମାନଙ୍କର ବିଶ୍ୱାସ ପାତ୍ର କିଏ, ନାମକରଣ କରନ୍ତୁ ଏବଂ ଅନନ୍ତ କାଳ ନିମନ୍ତେ କେଉଁ ବିଶ୍ୱାସ ସତ୍ୟ ଅଟେ ? (ଯୋହନ ୨୦ :୩୧)

୯. ଯାକୁବଙ୍କ ଅନୁଯାୟୀ, ସତ୍ୟ ବିଶ୍ୱାସ କ'ଣ ଅଟେ ?

**ଦିନ-୫ (ଯାକୁବ ୨:୨୦-୨୬) ପୁରାତନ ନିୟମରୁ ବିଶ୍ୱାସ**

୧୦. ଆଦିପୁସ୍ତକ ୧୫:୧-୬ ଅନୁଯାୟୀ, ଅବ୍ରହାମଙ୍କୁ କେଉଁ ବିଷୟ ଧାର୍ମିକ ଗଣିତ କଲା ?

୧୧. ଆଦିପୁସ୍ତକ ୨୨:୧-୧୮, ଏବ୍ରୀ ୧୧:୧୭-୧୯ ଅନୁଯାୟୀ, ଅବ୍ରହାମ ପରମେଶ୍ୱରଠାରୁ କ'ଣ ଆଶା କରୁଥିଲେ ? ଅବ୍ରହାମ ଯେ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ, ଏହା ତାଙ୍କର କେଉଁ କାର୍ଯ୍ୟରୁ ଜଣାପଡ଼େ ?

**ଯାହା ଶିକ୍ଷା କଲେ, ତାହା ପ୍ରୟୋଗ କରନ୍ତୁ।**

ଯାକୁବ ରାହବ ବେଶ୍ୟାଙ୍କୁ ତାଙ୍କର ବିଶ୍ୱାସର ଶେଷ ଆଦର୍ଶ ରୂପେ ସମ୍ମାନ ଦେଲେ। ପରମେଶ୍ୱର ମଧ୍ୟ ମାଥିଉ ୧:୧-୫ରେ ତାଙ୍କୁ ସମ୍ମାନିତ କଲେ। ଏହା ଆପଣଙ୍କୁ କିପରି ଉତ୍ସାହିତ କରେ ?

# ବିଶ୍ୱାସ ଓ ଜିହ୍ୱା (ଯାକୁବ ୩)

## ଯାକୁବ ୩:୧-୧୨ (ଜିହ୍ୱା)

୧. ୧ କରିନ୍ଥୀୟ ୧୨:୨୮ ଅନୁଯାୟୀ, ଜଣେ କିପରି ଶିକ୍ଷକ ହୋଇପାରିବ ?

୨. ରୋମୀୟ ୧୨:୭ ଅନୁଯାୟୀ, ଶିକ୍ଷାଦାନ ପବିତ୍ର ଆତ୍ମାଙ୍କ ଦାନ ଅଟେ । ତେବେ ଆପଣ ଅଧିକ କଠୋର ଭାବରେ କାହିଁକି ବିଚାରିତ ହେବେ ? (ଲୂକ ୧୨:୪୭-୪୮)

୩. ଯାକୁବ ୩:୮ରେ ଯାକୁବ ମନୁଷ୍ୟର ଏ ପ୍ରକାର ଅବସ୍ଥା ବିଷୟରେ କ'ଣ କୁହନ୍ତି ?

୪. ଜିହ୍ୱା ଏକ ବ୍ୟକ୍ତିର କ'ଣ କରିପାରେ ? (୬ ପଦ)

୫. ପାଉଲଙ୍କର ରୋମୀୟ ୭:୧୮-୨୫ ଅନୁଯାୟୀ; ଜିହ୍ୱାକୁ କ'ଣରେ ରଖିବା ଯେ କେତେ କଷ୍ଟକର, ତାହା ବୁଝାଇ ଦିଅନ୍ତୁ ?

୬. ଯାକୁବ ୩:୯-୧୨ରେ ଜିହ୍ୱା ବିଷୟରେ ଲିଖିତ ବୈପରୀତ୍ୟ ଓ ଅସଙ୍ଗତ ପ୍ରକୃତିକୁ ଦର୍ଶାନ୍ତୁ ।

୭. ମାର୍କ ୭:୨୦-୨୨ ଜିହ୍ୱାର ପରିପ୍ରକାଶର ଉତ୍ସ ଭାବରେ କ'ଣ କୁହେ ?

୮. ଯୋହନ ୧୭:୧୭ ଓ ଏବ୍ରୀ ୯:୧୪ ଅନୁଯାୟୀ, ଜିହ୍ୱାର ଉତ୍ସ କିପରି ପରିଷ୍କାର ଓ ଶୁଚି ହୋଇପାରିବ ?

ଯାକୁବ ୩:୧୩-୧୮ (ସତ୍ୟ ଓ ନିର୍ମଳ ଜ୍ଞାନ)

୯. ଦୁଇ ପ୍ରକାର ଜ୍ଞାନ ରହିଅଛି । ତେବେ, ସତ୍ୟ ଓ ନିର୍ମଳ ଜ୍ଞାନ କ'ଣ ଅଟେ ?

୧୦. ଆମର ଆଚରଣ ସବୁ ନିମନ୍ତେ ଆମର ଦାୟୀତ୍ୱ କ'ଣ ଅଟେ ? (୧୪ ପଦ)

୧୧. ଅସତ୍ୟ ଓ ଅଶୁଦ୍ଧ ଜ୍ଞାନ କିପରି ଅଟେ ?

୧୨. ଏହାର ଫଳାଫଳ ସବୁ କ'ଣ ହୁଏ ?

୧୩. ସତ୍ୟ ଓ ନିର୍ମଳ ଜ୍ଞାନ କିପରି ଅଟେ ?

୧୪. ଏହାର ଫଳାଫଳ ସବୁ କ'ଣ ହୁଏ ?

**ଯାହା ଶିକ୍ଷା କଲେ, ତାହା ପ୍ରୟୋଗ କରନ୍ତୁ ।**

୧୭ ପଦରେ ପଦ□ତାଲିକା ଆପଣଙ୍କ ନିମନ୍ତେ ସତ୍ୟ ଅଟେ କି ? ମନେରଖନ୍ତୁ, ଯାକୁବ କୁହନ୍ତି; "କିନ୍ତୁ" ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ ।" (ଯାକୁବ ୧:୫)

ଆଉ ଆପଣ ଯଦି ଏହି ଜ୍ଞାନର ଅଭିଳାଷୀ ଅଟନ୍ତି... ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ... ଏବଂ "ସନ୍ଦେହ ନ କରି ବିଶ୍ୱାସ କରନ୍ତୁ ।" (ଯାକୁବ ୧:୬)

# ବିପଦପୂର୍ଣ୍ଣ ଚିହ୍ନ ସକଳ (ଯାକୁବ ୪)

**ଯାକୁବ ୪:୧-୬ (ଶତ୍ରୁ)**

୧. ଖ୍ରୀଷ୍ଟିୟାନମାନଙ୍କୁ କେଉଁସବୁ ବିଷୟ କଳହ କରିବାକୁ ପ୍ରବର୍ତାଏ ? (୧-୩ ପଦ)

୨. ଅପ୍ରାପ୍ତ ଉତର ବିଶିଷ୍ଟ ପ୍ରାର୍ଥନାର କେଉଁସବୁ କାରଣ ଏଠାରେ ପ୍ରଦତ ଅଟେ ?

୩. ଯାକୁବ କୁହନ୍ତି; "ଜଗତର ମିତ୍ରତା ଯେ ଇଶ୍ଵରଙ୍କ ଶତ୍ରୁତା" (ଯାକୁବ ୪:୪), ତଦନୁଯାୟୀ ନିମ୍ନୋକ୍ତ ପଦସବୁ କ'ଣ କୁହନ୍ତି ?

କ. ଏଫିସୀୟ ୨:୧-୫

ଖ. ଫିଲିପ୍ପୀୟ ୩:୧୮-୧୯

ଗ. ୧ ଯୋହନ ୨:୧୫-୧୬

୪. ଗର୍ବର ବିବରଣୀ ନିମନ୍ତେ ଯିଶାଇୟ ୧୪:୧୩-୧୪ ପଢନ୍ତୁ ଏବଂ ପରମେଶ୍ଵର କେବେ ମଧ ଓ ଆଦୌ ସେହିପରି ଲୋକମାନଙ୍କୁ ଅନୁଗ୍ରହ ଦେବେ ନାହିଁ, କୁହନ୍ତୁ ।

୫. ମାଥିଉ ୧୧:୨୫ରେ ଶିଶୁମାନଙ୍କ ପରି ନମ୍ରଚିତ ଲୋକମାନଙ୍କ ଉଦ୍ଦେଶ୍ୟରେ ଯୀଶୁ କ'ଣ କହିଲେ ?

**ଯାକୁବ ୪:୭-୧୨ ( ସଠିକ୍ ଓ ବିହିତ ଆଚରଣ ସମୂହ)**

୬. ରୋମୀୟ ୧୨:୧-୨ ଓ ଯୋହନ ୧୪:୧୫, ୨୩ ଅନୁଯାୟୀ ପରମେଶ୍ଵରଙ୍କ ନିକଟରେ ଆମକୁ କିପରି ଉତ୍ସର୍ଗ ଓ ସମର୍ପଣ କରିବାକୁ ହେବ ?

୭. ମାଥିଉ ୪:୧-୧୧ ଅନୁଯାୟୀ, ଆମେ ଶୟତାନକୁ କିପରି ପ୍ରତିବାଧା ଓ ପ୍ରତିରୋଧ କରିପାରିବା ?

୮. ଆମେ କାହିଁକି ପରସ୍ପରର ଗ୍ଲାନି ଓ ବିଚାର କରିବା ଅନୁଚିତ ? (ଯାକୁବ ୪:୧୧-୧୨)

ଯାକୁବ ୪:୧୩-୧୭ (ଭୁଲ୍ ଓ ଅବିହିତ ଆଚରଣ ସମୂହ)

୯. ଯାକୁବ ଅହଂ ଭାବରେ ଗର୍ବ କରିବାକୁ କିପରି ବୁଝାନ୍ତି ?

୧୦. ୧ କରିନ୍ଥୀୟ ୧:୨୬-୩୧ ପାଉଲ ଜାଗତିକ ଦର୍ପ ବିଷୟରେ କ'ଣ କୁହନ୍ତି ?

୧୧. କେଉଁ ପ୍ରକାର ଦର୍ପ କରିବା ଯେ ଉଚିତ ବୋଲି ସେ କୁହନ୍ତି ?

**ଆପଣ ଯାହା ଶିକ୍ଷା କଲେ, ତାହା ପ୍ରୟୋଗ କରନ୍ତୁ ।**

କେଉଁସବୁ ଜାଗତିକ ଆଚରଣ, ମତାମତ ଓ ମନୋଭାବ ଆପଣଙ୍କର ଅଛି, ଯାହା ଆପଣଙ୍କ ଜୀବନରୁ ପୃଥକ କରିବାକୁ ହେବ ?

**ଅଭ୍ୟାସଗତ ବିଶ୍ୱାସ (ଯାକୁବ ୫)**

**ଦିନ ୧ (ଯାକୁବ ୫:୧-୬) ସତର୍କବାଣୀ**

୧. ଯାକୁବଙ୍କ ମତରେ ଯେଉଁମାନେ ଧନ ଲାଭ କରିବାକୁ ଅଗ୍ରାଧିକାର ଦିଅନ୍ତି, ସେମାନଙ୍କର ସହିତରେ କ'ଣ ଘଟିବ ?

୨. ଯେଉଁ ଧନୀ ଲୋକମାନେ ସ୍ୱାର୍ଥପର ଅଟନ୍ତି, ସେମାନଙ୍କ ପ୍ରତି ପରମେଶ୍ୱରଙ୍କ ମନୋଭାବ କିପରି ହେବ ? ଦ୍ୱିତୀୟ ବିବରଣ ୨୪:୧୪-୧୫, ଲୂକ ୧୨:୧୫-୨୧

୩. ୨ କରିନ୍ଥୀୟ ୯:୬-୧୪ରୁ ଖ୍ରୀଷ୍ଟିୟାନମାନଙ୍କ ପାଇଁ ଅର୍ଥଲାଭ ନିମନ୍ତେ କିପ୍ରକାର "ଆଶୀର୍ବାଦ" ରହିଅଛି ?

**ଦିନ-୨ (ଯାକୁବ ୫:୭-୧୧)**

୪. ବିଶ୍ୱାସୀମାନଙ୍କୁ ଧୈର୍ଯ୍ୟଶୀଳ ହେବାକୁ ଉତ୍ସାହିତ କରିବା ପାଇଁ ଯାକୁବ କେଉଁ ସତ୍ୟତାକୁ ବ୍ୟବହାର କରିଛନ୍ତି ?

୫. କୃଷକମାନେ କାହିଁକି ଆମ ପାଇଁ ଧୈର୍ଯ୍ୟଶୀଳତାର ଏକ ଭଲ ଉଦାହରଣ ଅଟନ୍ତି ?

୬. ମାଥିଉ ୫:୧୨ର ଭାବବାଦୀମାନେ କାହିଁକି ଆମ ପାଇଁ ଧୈର୍ଯ୍ୟଶୀଳତାର  ଉଦାହରଣ ଅଟନ୍ତି ?

**ଦିନ-୩**

୭. ଆୟୁବ ଧୈର୍ଯ୍ୟଶୀଳ ଥିଲେ, ମାତ୍ର ତାହା ତାଙ୍କୁ ପରମେଶ୍ୱରଙ୍କୁ ପ୍ରଶ୍ନ କରିବାକୁ ବାଧା ଦେଲା ନାହିଁ। ଆୟୁବ ୪୨:୧-୬ରେ ପରମେଶ୍ୱର ଆୟୁବଙ୍କୁ ଉତର ଦେଲେ। ଏଣୁ, ଧୈର୍ଯ୍ୟଶୀଳତାର ମୁଖ୍ୟ କାରଣ ବିଷୟରେ ଆୟୁବଙ୍କର ପ୍ରତ୍ୟୁତର କ'ଣ ପ୍ରକାଶ କରେ ?

**ଦିନ ୪ (ଯାକୁବ ୫:୧୨)**

୮. ଯୀଶୁ କାହିଁକି ଶପଥ କରିବା ବିରୁଦ୍ଧରେ ସତର୍କ କରିଥିଲେ ? (ମାଥିଉ ୫:୩୪-୩୭)

**ଦିନ -୫ (ଯାକୁବ ୫:୧୩-୧୮)**

୯. ଯାକୁବ ୫:୧୫କୁ ବୁଝିବାକୁ ୨ କରିନ୍ଥୀୟ ୧୨:୭-୧୦ ଆମକୁ କିପରି ସାହାଯ୍ୟ କରେ ?

୧୦.ଜଣେ ବିଶ୍ୱାସୀ ଯଦି ପୀଡ଼ିତ ଅଟେ, ତେବେ ସେ କ'ଣ କରିବ ? ଯାକୁବ ୫:୧୯-୨୦

୧୧. ଏହି ପଦଗୁଡ଼ିକ ଅନୁଯାୟୀ, ପରସ୍ପର ପ୍ରତି ଆମର କିପ୍ରକାର ଦାୟୀତ୍ୱ ରହିବା ଆବଶ୍ୟକ ?

**ଆପଣ କ'ଣ ଶିକ୍ଷା କଲେ, ତାହା ପ୍ରୟୋଗ କରନ୍ତୁ।**

ଆମର ଦୈନନ୍ଦିନ ଜୀବନରେ ଯୀଶୁଙ୍କଠାରେ ଆମର ବିଶ୍ୱାସ ସମ୍ପୂର୍ଣ୍ଣ ସୁସ୍ପଷ୍ଟ ଓ ପ୍ରତୀୟମାନ ହେବା ଆବଶ୍ୟକ ବୋଲି ଯାକୁବ କୁହନ୍ତି। ଆମେ ଯେବେ ବିଶ୍ୱାସରେ ପରମେଶ୍ୱରଙ୍କର ଆଜ୍ଞାବହ ହୋଇଥାଉ, ବେବେ କିଛି ଘଟିଥାଏ। ଆମ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କ ନିକଟରେ ଆମେ ତାଙ୍କର ସାକ୍ଷୀ ହୋଇଥାଉ। ପାଉଲ କୁହନ୍ତି, "ପୁଣି ତୁମ୍ଭେମାନେ ଯେ ଆମ୍ଭମାନଙ୍କ ସେବାରେ ଲିଖିତ ଖ୍ରୀଷ୍ଟଙ୍କର ପତ୍ରସ୍ୱରୂପ, ଏହା ପ୍ରକାଶ ପାଉଅଛି ଯାହା ସମସ୍ତ ଲୋକଙ୍କ ଜ୍ଞାତ ଓ ପଠିତ ଅଟେ।" ୨ କରିନ୍ଥୀ ୩:୩ (ସମ୍ବାଦ)